OFSDP
ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ
ପ୍ରକଳ୍ପ ସୂଚନାପତ୍ର

ଭାଗ – ୩/ସଂସ୍କରଣ – ୪ | ଅକ୍ଟୋବର–ଡିସେମ୍ବର, ୨୦୦୯

## ପ୍ରକଳ୍ପ ନିର୍ଦ୍ଦେଶକଙ୍କ କଲମରୁ

ପ୍ରକଳ୍ପରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିବା ପାଇଁ ଗୋଷ୍ଠୀର ଦକ୍ଷତା ବୃଦ୍ଧି ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି । ପ୍ରକଳ୍ପ ଶେଷ ହେବା ପରେ ମଧ୍ୟ ସୃଷ୍ଟି ହୋଇଥିବା ସମ୍ପଦର ସଫଳ ପରିଚାଳନା ସମେତ ଆୟକାରୀ ପନ୍ଥା ଜାରି ରହିବା ଲକ୍ଷ୍ୟରେ ପ୍ରକଳ୍ପ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଗୋଷ୍ଠୀଗୁଡ଼ିକର ଦକ୍ଷତା ବୃଦ୍ଧି କରାଯାଇଛି ଓ ପ୍ରକଳ୍ପର କାର୍ଯ୍ୟକାରିତା ସହ ତାଳ ଦେଇ ତାଲିମ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଛି । ପ୍ରମୁଖ ସହାୟତାକାରୀ ଯଥା କ୍ଷେତ୍ର ପରିଚାଳନା କେନ୍ଦ୍ର ମୁଖ୍ୟ, ବରିଷ୍ଠ ବନ ସମ୍ପ୍ରସାରଣ ଅଧିକାରୀ ଏବଂ ପ୍ରକଳ୍ପ ସହ ଜଡ଼ିତ ବନପାଳ, ବନ ସଂରକ୍ଷଣ ସମିତି ସଭ୍ୟ ସଚିବମାନଙ୍କୁ ପ୍ରକଳ୍ପ ପରିଚାଳନା କେନ୍ଦ୍ରର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଲିମ ପ୍ରଦାନ କରାଯାଇଛି । ଏହି ତିନି ମାସରେ ଭୁବନେଶ୍ୱରସ୍ଥିତ ସମ୍ମାନଜନକ ଜାଭିଅର ଇନ୍‌ଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟ ଠାରେ ଉତ୍ତମ ଯୋଗାଯୋଗ ଓ ଉପସ୍ଥାପନା ଶୈଳୀ ଏବଂ ଆଧୁନିକ ପରିଚାଳନା କୌଶଳ ଶୀର୍ଷକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆୟକାରୀ ପନ୍ଥା ସମ୍ପର୍କରେ ବରିଷ୍ଠ ବନ ସମ୍ପ୍ରସାରଣ ଅଧିକାରୀ (ଆଇଜିଏ), ବେସରକାରୀ ସଙ୍ଗଠନ ଦଳପତି ଏବଂ କ୍ଷେତ୍ରସ୍ତରର ବିଶେଷଜ୍ଞମାନଙ୍କୁ ନେଇ ଦୁଇଦିନିଆ ଅଣୁ ବିତ୍ତ ଓ ଲଘୁ ଉଦ୍ୟୋଗ ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମନୋନୀତ କିଛି ବନଖଣ୍ଡ ଅଧିକାରୀ ତଥା ସ୍ଥାନୀୟ ପରିଚାଳନା କେନ୍ଦ୍ର ମୁଖ୍ୟ ଏବଂ କ୍ଷେତ୍ର ପରିଚାଳନା କେନ୍ଦ୍ର ମୁଖ୍ୟମାନଙ୍କୁ ହାଇଦରାବାଦସ୍ଥିତ ଆଡମିନିଷ୍ଟ୍ରେଟିଭ୍ ଷ୍ଟାଫ କଲେଜ ଅଫ ଇଣ୍ଡିଆରେ ପ୍ରାକୃତିକ ସମ୍ପଦ ପରିଚାଳନା ଓ ବିବାଦର ସମାଧାନ ଉପରେ ସାତଦିନିଆ ତାଲିମ ପାଇଁ ପଠାଯାଇଥିଲା । ହେକ୍ଟାର ବୃକ୍ଷରୋପଣ ସହ ଜଡ଼ିତ କ୍ଷେତ୍ର ଅଧିକାରୀମାନଙ୍କୁ ଶିକ୍ଷା ପରିଭ୍ରମଣ ଓ ତାଲିମ ପାଇଁ ଗୁଜରାଟ ପଠାଯାଇଥିଲା । ତାଲିମପ୍ରାପ୍ତ ବନ ଅଧିକାରୀମାନେ କେବଳ ଯେ ବନ ସଂରକ୍ଷଣ ସମିତି/ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟମାନଙ୍କ ତାଲିମ କାର୍ଯ୍ୟକ୍ରମରେ ତାଲିମଦାତାଭାବେ କାର୍ଯ୍ୟ ତୁଲାଉଛନ୍ତି ତାହା ନୁହେଁ, ପ୍ରକଳ୍ପର ବିଭିନ୍ନ କାର୍ଯ୍ୟକ୍ରମର ଯୋଜନା ଓ କାର୍ଯ୍ୟକାରିତା ସମୟରେ ସେମାନେ ବନ ସଂରକ୍ଷଣ ସମିତି / ସ୍ୱୟଂ ସହାୟକ ଗୋଷ୍ଠୀ ନେତାମାନଙ୍କର ମଧ୍ୟ ଦକ୍ଷତା ବୃଦ୍ଧି କରାଉଛନ୍ତି ।

ଦକ୍ଷତା ବୃଦ୍ଧି ପାଇଁ କରାଯାଇଥିବା କାର୍ଯ୍ୟକ୍ରମଗୁଡ଼ିକର ପ୍ରଭାବ ଓ ଗୋଷ୍ଠୀର ଦକ୍ଷତା ବୃଦ୍ଧିରେ ତାଲିମପ୍ରାପ୍ତ ଅଧିକାରୀମାନଙ୍କର ଭୂମିକା ତଥା ସ୍ଥିତି ଉପରେ ଆଭ୍ୟନ୍ତରୀଣ ମୂଲ୍ୟାୟନ କରାଯିବା ପାଇଁ ମଧ୍ୟ ପ୍ରସ୍ତାବ ରହିଛି । ଏହା କେବଳ ଆତ୍ମନିର୍ଭରଶୀଳ ପାଇଁ ଓ ଭବିଷ୍ୟତର କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ଉଦ୍ଦେଶ୍ୟରେ କରାଯିବ ।

ଅରୁଣ କୁମାର ବଂସଲ, ଭା.ବ.ସେ.
ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଏବଂ
ପ୍ରକଳ୍ପ ନିର୍ଦ୍ଦେଶକ

## ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟଙ୍କ ମନରେ ମହୁଆ ଆଣିଦେଇଛି ଆତ୍ମବିଶ୍ୱାସ

ଓଡ଼ିଶାର ଆଦିବାସୀ ଜୀବନରେ ମହୁଆ ଏକ ଚିର ପରିଚିତ ନାମ । ଆଦିବାସୀମାନେ ନିର୍ଦ୍ଦିଷ୍ଟ ପରିବାର ପାଇଁ ମହୁଆ ଗଛ ସ୍ଥିର କରନ୍ତି ଓ ସେହି ପରିବାର ସେହି ଗଛରୁ ମହୁଆ ଫୁଲ ସଂଗ୍ରହ କରେ । ସେମାନେ ମହୁଆ ଗଛକୁ କାଟନ୍ତି ନାହିଁ । ମହୁଆ ଫୁଲ ସଂଗ୍ରହ କରିବା ଓ ତାକୁ ବଜାରରେ ବିକ୍ରି କରିବା ବର୍ଷର ଛଅ ମାସ ଯାଏଁ ଆଦିବାସୀ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇଥାଏ । ଏହି ବ୍ୟବସାୟକୁ ଉନ୍ନତ ପ୍ରଣାଳୀରେ କରିବାରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ସହାୟତା କରୁଛି । ନିମ୍ନରେ ସଫଳ କାହାଣୀ ବର୍ଣ୍ଣନା କରାଯାଇଛି ।



ରାଉରକେଲା ବନଖଣ୍ଡର ରାଜଗାଙ୍ଗପୁର କ୍ଷେତ୍ର ପରିଚାଳନା କେନ୍ଦ୍ର ଅନ୍ତର୍ଗତ ତାଲୁକବାର ବନ ସଂରକ୍ଷଣ ସମିତି ଅଧୀନରେ ୨୦୦୩ରୁ ଗଠିତ ହୋଇଥିଲା ଉଜ୍ଜ୍ୱଳ ଦୀପିକା ନାମକ ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ । ସ୍ୱୟଂ ସହାୟକ ଗୋଷ୍ଠୀ ଅର୍ଥ ଟଙ୍କା ସଞ୍ଚୟ କରିବା ଓ ଘରକରଣା ଖର୍ଚ୍ଚ ପାଇଁ ବ୍ୟାଙ୍କରୁ ଋଣ ଆଣିବା, ଏହି ଧାରଣା ନେଇ ସେମାନେ ସେବେଠାରୁ ଗୋଷ୍ଠୀ ଚଳାଇ ଆସିଥିଲେ । ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ସହଯୋଗୀ ବେସରକାରୀ ସଙ୍ଗଠନ ବାରମ୍ବାର ସେଠାକୁ ଯାଇ ବୁଝାଇବା ପରେ ସେମାନେ ଏକ ବ୍ୟବସାୟ କରିବାକୁ ନିଷ୍ପତ୍ତି ନେଲେ । ମହୁଆ ବ୍ୟବସାୟ କରିବାକୁ ୨୬ ହଜାର ଟଙ୍କାର ଯୋଜନା ପ୍ରସ୍ତୁତ ହେଲା । ସେମାନେ ନିଜ ସଞ୍ଚୟରୁ ଛଅ ହଜାର ଟଙ୍କା ମିଶାଇ ବଳକା ୨୦ ହଜାର ଟଙ୍କା ଋଣ ପାଇଁ ବନ ସଂରକ୍ଷଣ ସମିତିକୁ ଆବେଦନ କଲେ । ଋଣ ପାଇବା ପରେ ସେମାନେ ୧୮.୬୩ କୁଇଣ୍ଟାଲ ମହୁଆ ଫୁଲ ପ୍ରଚଳିତ ଦର କେ.ଜି. ପ୍ରତି ୧୧ ଟଙ୍କାରେ କିଣିଲେ । ତାହାକୁ ବିଶୋଧନ କରିବା ପାଇଁ ତିନି ମାସ ସମୟ ଲାଗିଲା ଓ ବିଶୋଧନ ପରେ ମହୁଆ ଫୁଲ ୧୭.୬୨ କୁଇଣ୍ଟାଲକୁ କମି ଆସିଲା । ସେମାନେ ସେହି ମହୁଆ ଫୁଲକୁ କେ.ଜି. ପ୍ରତି ୧୮ ଟଙ୍କା ଦରରେ ବିକ୍ରି କଲେ । ଏକ ପ୍ରତିଶତ ସୁଧ ସହ ସେମାନେ ବନ ସଂରକ୍ଷଣ ସମିତିର ଋଣ ପରିଶୋଧ କଲେ ଓ ୧୧, ୨୨୩ ଟଙ୍କା ଲାଭ ଅର୍ଜନ କଲେ । ଏହି ହସ୍ତକ୍ଷେପ ଫଳରେ ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟମାନଙ୍କ ଆତ୍ମବିଶ୍ୱାସ ବହୁଗୁଣରେ ବୃଦ୍ଧି ପାଇଛି । ଆଗାମୀ ବସନ୍ତ ଋତୁରେ ସେମାନେ ଛତୁ ଚାଷ (ନଡ଼ା ଛତୁ) ଏବଂ ବଡ଼ି ପ୍ରସ୍ତୁତ କରିବାକୁ ଆଗ୍ରହୀ ଅଛନ୍ତି ।

ରାଉରକେଲା ବନଖଣ୍ଡ ଅନ୍ତର୍ଗତ ବୀରମିତ୍ରପୁର କ୍ଷେତ୍ର ପରିଚାଳନା କେନ୍ଦ୍ର ଅଧୀନରେ ଥିବା ରାଇବୋଗା ଗ୍ରାମପଞ୍ଚାୟତରେ ହୋଲକଣା ଏକ ଆଦିବାସୀବହୁଳ ଗ୍ରାମ । ଏହି ଗ୍ରାମରେ ୨୦୦୭ରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱାରା ୨୭ଟି ପରିବାରକୁ ନେଇ ବନ ସଂରକ୍ଷଣ ସମିତି ଗଠନ କରାଯାଇଥିଲା । ଗ୍ରାମବାସୀ ମୁଖ୍ୟତଃ ଚାଷ କାମ ଓ ଅଣକାଷ୍ଠ ବନଜାତ ଦ୍ରବ୍ୟ ସଂଗ୍ରହ ଉପରେ ନିର୍ଭର କରନ୍ତି । ଗ୍ରାମରେ ସମନ୍ୱିତ ଶିଶୁ ବିକାଶ ଯୋଜନା ଦ୍ୱାରା ୨୦୦୬ରେ ଦଶ ଜଣ ମହିଳାଙ୍କୁ ନେଇ ଶାନ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇଥିଲା । ତେବେ ଗୋଷ୍ଠୀର ଅଧିକାଂଶ ସଭ୍ୟା ଅପାଠୁଆ ଥିଲେ । ସେମାନେ ମାସିକ ୧୦ ଟଙ୍କା ଲେଖାଏଁ ସଞ୍ଚୟ କରୁଥିଲେ ମଧ୍ୟ ସଚେତନତା ଓ ଆତ୍ମବିଶ୍ୱାସ ଅଭାବରୁ କୌଣସି ଆୟକାରୀ ପନ୍ଥାରେ ସାମିଲ ନ ଥିଲେ । ପ୍ରକଳ୍ପର ସହଯୋଗୀ ବେସରକାରୀ ସଙ୍ଗଠନ ପ୍ରୋତ୍ସାହନରେ ସେମାନେ ମହୁଆ ଫୁଲ ବ୍ୟବସାୟ ପାଇଁ ଏକ ଯୋଜନା ପ୍ରସ୍ତୁତ କଲେ ଓ ବନ ସଂରକ୍ଷଣ ସମିତିକୁ ୧୦ ହଜାର ଟଙ୍କା ଋଣ ଆବେଦନ କଲେ । ଏହି

ଟଙ୍କାରେ ସେମାନେ ୧୨ ଟଙ୍କା ପ୍ରତି କେ.ଜି. ଦରରେ ୮୩୩ କେ.ଜି. ମହୁଆ ଫୁଲ କିଣିଲେ । ବିଶୋଧନ ପରେ ସେହି ମହୁଆ ୮୦୦ କେ.ଜି.କୁ କମି ଆସିଲା ଓ ସେମାନେ ତାହାକୁ କେ.ଜି. ପ୍ରତି ୨୦ ଟଙ୍କା ଦରରେ ବିକ୍ରି କଲେ । ଏଥିରୁ ସେମାନଙ୍କର ୫୫୦୦ ଟଙ୍କା ଲାଭ ହେଲା । ଏହି ବ୍ୟବସାୟ ଶାନ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି କରିପାରିଛି । ମାଛ ଚାଷ ଏକ ପ୍ରମୁଖ ଜୀବିକା ନିର୍ବାହ ମାର୍ଗ ହୋଇପାରିବ ବୋଲି ଚିନ୍ତା କରି ସେମାନେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପକ୍ଷରୁ ବନ ସଂରକ୍ଷଣ ସମିତି ଦ୍ୱାରା ଏଥିପାଇଁ ଥିବା ସୁବିଧା ସୁଯୋଗ ହାସଲ କରିଛନ୍ତି । ସେଥିପାଇଁ ସେମାନେ ପଞ୍ଚାୟତର ପୋଖରୀ ଲିଜ୍‌ରେ ନେଇ ଚାରି ହଜାର ଟଙ୍କା ପୁଞ୍ଜିନିବେଶ କରିଛନ୍ତି ।



ସେହିପରି ରାୟଗଡ଼ା ବନଖଣ୍ଡ ଅନ୍ତର୍ଗତ ଟିକିରି କ୍ଷେତ୍ର ପରିଚାଳନା କେନ୍ଦ୍ର ଅଧୀନରେ ଥିବା ବେଣ୍ଡିକୁଣ୍ଡା ଗ୍ରାମର ଦୁଇଟି ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟ ମହୁଆ ଫୁଲ ବ୍ୟବସାୟ ଆରମ୍ଭ କରିଛନ୍ତି । ଗ୍ରାମରେ ଦୀର୍ଘ ଦିନରୁ ଗଢ଼ି ଉଠିଥିବା ସ୍ୱାର୍ଣ୍ଣରାଣୀ ଓ ବଙ୍ଗାଇରାଣୀ ସ୍ୱୟଂ ସହାୟକ ଗୋଷ୍ଠୀ, ମାତ୍ର କେବଳ ସଞ୍ଚୟ ବ୍ୟତୀତ ସେମାନେ ଆଉ କିଛି କରୁ ନଥିଲେ । ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ସହଯୋଗୀ ବେସରକାରୀ ସଙ୍ଗଠନ ସହଭାଗିତା ଢଙ୍ଗରେ ବ୍ୟବସାୟ କରିବାକୁ ସେମାନଙ୍କୁ ପ୍ରୋତ୍ସାହିତ କଲା । ବହୁବାର ବୈଠକ ଓ ଆଲୋଚନା ହେବା ପରେ ଗୋଷ୍ଠୀଗୁଡ଼ିକ ମହୁଆ ଫୁଲ ବ୍ୟବସାୟ ଆରମ୍ଭ କରିବାକୁ ନିଷ୍ପତ୍ତି ନେଲେ । ବନ ସଂରକ୍ଷଣ ସମିତି ଆବର୍ତ୍ତକ ପାଣ୍ଠିରୁ ଉଭୟ ଗୋଷ୍ଠୀ ଦଶ ହଜାର ଟଙ୍କା ଋଣ ପାଇଲେ । ଦୁଇ ମାସ ମଧ୍ୟରେ ଉଭୟ ଗୋଷ୍ଠୀ ସାତ ହଜାର ଟଙ୍କା ଲେଖାଏଁ ଲାଭ ପାଇଲେ । କିନ୍ତୁ ନିଜର ଆୟ ବୃଦ୍ଧି ପାଇଁ ସେମାନେ ଏକ ସଫଳ କାର୍ଯ୍ୟକ୍ରମର ଅୟମାରମ୍ଭ କରିପାରିଲେ । ଏବେ ସେମାନେ ଅଣକାଷ୍ଠ ବନଜାତ ଦ୍ରବ୍ୟ ସମେତ ଅନ୍ୟ ସ୍ଥାନୀୟ ଦ୍ରବ୍ୟର ବ୍ୟବସାୟ କରିବାକୁ ଯୋଜନା କରୁଛନ୍ତି ।





ରିପୋର୍ଟ :
ଏମ୍. ସନ୍ତୋଷ ପ୍ରସାଦ, ବେସରକାରୀ ସଙ୍ଗଠନ ଦଳପତି
ଟିକିରି କ୍ଷେତ୍ର ପରିଚାଳନା କେନ୍ଦ୍ର
ରାୟଗଡ଼ା ଖଣ୍ଡୀୟ ପରିଚାଳନା କେନ୍ଦ୍ର

# ଉଦ୍ୟାନକୃଷି ବିଭାଗ ସହ ଏକାଭିମୁଖୀକରଣ

ବନ ସଂରକ୍ଷଣ ସମିତି ସଭ୍ୟମାନଙ୍କର ଅତିରିକ୍ତ ଜୀବିକା ନିର୍ବାହ ସମ୍ପଦ ସୃଷ୍ଟି କରିବା ପାଇଁ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ/ଯୋଜନା ସହ ସମ୍ପୃକ୍ତିତ ଏକାଭିମୁଖୀକରଣ ଉଦ୍ୟମ କରୁଛି । କୋରାପୁଟ ଖଣ୍ଡୀୟ ପରିଚାଳନା କେନ୍ଦ୍ର ଅନ୍ତର୍ଗତ ବାଲଦା କ୍ଷେତ୍ର ପରିଚାଳନା କେନ୍ଦ୍ର ଅଧିନରେ ଥିବା ମାଲିଙ୍ଗୀମବୋଳ, କଣ୍ଡାସନ୍ତ୍ର, ବନ୍ଧୁଆ, ମୋଦେଇଗୁଡ଼ା ଏବଂ ବୋଡୋଙ୍ଗ ବନ ସଂରକ୍ଷଣ ସମିତିଗୁଡ଼ିକରେ ଉଦ୍ୟାନ କୃଷି ବିଭାଗ ସହ ଏକାଭିମୁଖୀକରଣ କରାଯାଇଛି । ଓଏଫଏସଡିପିର ସହଯୋଗୀ ବେସରକାରୀ ସଙ୍ଗଠନର ଦଳ ବନ ସଂରକ୍ଷଣ ସମିତି ସଭ୍ୟମାନଙ୍କ ସହ ବହୁବାର ଆଲୋଚନା କରିବା ପରେ ୭୫ଜଣ ହିତାଧିକାରୀ ଆମ୍ବ ଓ କାଜୁ ଚାରାରୋପଣ ପାଇଁ ସହମତ ହେଲେ ।





୧୦୫ ଏକର ଜମିରେ ୬୪୮୦ କଲମି ଆମ୍ବ ଓ କାଜୁ ଚାରା ରୋପଣ କରାଗଲା । ଏହି ଚାରା ନିର୍ଦ୍ଧାରିତ ସରକାରୀ ମୂଲ୍ୟ (ଛଅ ଟଙ୍କା ପ୍ରତି ଚାରା)ରେ ଉଦ୍ୟାନ କୃଷି ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିଲା । ସେହିପରି ଉଦ୍ୟାନ କୃଷି ବିଭାଗ ଧାର୍ଯ୍ୟ ସରକାରୀ ନିୟମ ଅନୁସାରେ ବଞ୍ଚିଥିବା ଚାରାର ହିସାବ କରିବା ପରେ ସମସ୍ତ ୭୫ ହିତାଧିକାରୀ ଆମ୍ବ ଏକର ପିଛା ୧୯୪୦ ଟଙ୍କା ଓ କାଜୁ ଏକର ପିଛା ୬୯୦ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପାଇଲେ । ଆସନ୍ତା ତିନି ବର୍ଷ ମଧ୍ୟରେ ସମସ୍ତ ହିତାଧିକାରୀ ଉଦ୍ୟାନ କୃଷି ବିଭାଗଠାରୁ ଏହିପରି ଆଉ ପାଞ୍ଚ ଥର ପ୍ରୋତ୍ସାହନ ରାଶି ପାଇବେ । ଏହି ଯୋଜନାକୁ ପ୍ରକଳ୍ପର ଅଧିକ ବନ ସଂରକ୍ଷଣ ସମିତିରେ କାର୍ଯ୍ୟକାରୀ କରିବାକୁ କ୍ଷେତ୍ର ପରିଚାଳନା କେନ୍ଦ୍ର ପକ୍ଷରୁ ଯୋଜନା କରାଯାଉଛି । ଏପରିକି ସଫଳ ହିତାଧିକାରୀଙ୍କୁ ଶିକ୍ଷା ପରିଦର୍ଶନ ଭ୍ରମଣରେ ମଧ୍ୟ ପଠାଇବାକୁ ଯୋଜନା ରହିଛି ।



ରିପୋର୍ଟ :
ଦୀପକ କୁମାର ମିଶ୍ର,
ଏଫ୍‌ଏଲ୍‌ଇ, କୋରାପୁଟ

# ପ୍ରକଳ୍ପର ସଫଳ କାର୍ଯ୍ୟକାରିତା ପାଇଁ ଦକ୍ଷତା ବୃଦ୍ଧି







### ସଫଳ ଗୋଷ୍ଠୀ ଗଠନ କୌଶଳ ଉପରେ ପ୍ରମୁଖ ଅଧିକାରୀମାନଙ୍କର ଦକ୍ଷତା ବୃଦ୍ଧି

ଗୋଷ୍ଠୀ ପ୍ରସ୍ତୁତି ଓ ଅନୁଷ୍ଠାନ ଗଠନ ଉପରେ ତିନିଦିନିଆ ତାଲିମ କାର୍ଯ୍ୟକ୍ରମ ୨ରୁ ୯ ଡିସେମ୍ବର ୨୦୦୯ ଯାଏଁ ଭୁବନେଶ୍ୱରସ୍ଥିତ ଜାଭିୟର ଇନ୍‌ଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟ ଠାରେ ଅନୁଷ୍ଠିତ ହୋଇଯାଇଛି । ୧୧ଟି ବନଖଣ୍ଡର କ୍ଷେତ୍ର ସମ୍ପ୍ରସାରଣ ଅଧିକାରୀ ଓ ବନପାଳ ଏଥିରେ ତାଲିମ ନେଇଥିଲେ ।

ଜନ ଯୋଗାଯୋଗ ଓ ଉପସ୍ଥାପନା ଶୈଳୀ ଉପରେ ୨୧ରୁ ୨୩ ଡିସେମ୍ବର ୨୦୦୯ ଯାଏଁ ଭୁବନେଶ୍ୱରସ୍ଥିତ ଜାଭିୟର ଇନ୍‌ଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟଠାରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଓ ଏଥିରେ ୧୧ଟି ବନଖଣ୍ଡର କ୍ଷେତ୍ର ସମ୍ପ୍ରସାରଣ ଅଧିକାରୀ ଓ ବନପାଳ ଏଥିରେ ତାଲିମ ନେଇଥିଲେ ।

ଭୁବନେଶ୍ୱରସ୍ଥିତ ଜାଭିୟର ଇନ୍‌ଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟଠାରେ ଆଧୁନିକ ପରିଚାଳନା କୌଶଳ ଉପରେ ୨୬ରୁ ୨୯ ଅକ୍ଟୋବର ଯାଏଁ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଶ୍ରୀ ୟୁ.ଏନ୍. ବେହେରା, ଆଇଏଏସ୍, ଜଙ୍ଗଲ ଓ ପରିବେଶ ବିଭାଗର ପ୍ରମୁଖ ଶାସନ ସଚିବ ଏହି ତାଲିମ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ।

### ପ୍ରାକୃତିକ ସମ୍ପଦ ପରିଚାଳନା

ପ୍ରାକୃତିକ ସମ୍ପଦ ପରିଚାଳନା ଓ ବିବାଦର ସମାଧାନ ଉପରେ ଏକ ସାତଦିନିଆ ତାଲିମ କାର୍ଯ୍ୟକ୍ରମ ହାଇଦରାବାଦସ୍ଥିତ ଆଡମିନିଷ୍ଟ୍ରେଟିଭ୍ ଷ୍ଟାଫ କଲେଜ ଅଫ ଇଣ୍ଡିଆ ଠାରେ ୨୦୦୯ ଅକ୍ଟୋବର ୧୨ ରୁ ୧୬ ଯାଏଁ ଅନୁଷ୍ଠିତ ହୋଇଥିଲା । ୧୧ ଜଣ ରେଞ୍ଜ ଅଫିସର, ତିନିଜଣ ଏସିଏଫ୍, ଜଣେ ଡିସିଏଫ ଓ ପ୍ରକଳ୍ପ ପରିଚାଳନା ୟୁନିଟର ଜଣେ ଉପ ପ୍ରକଳ୍ପ ନିର୍ଦ୍ଦେଶକ ଏଥିରେ ଭାଗ ନେଇଥିଲେ ।

ହେନ୍ତାଳ ବଣ ପରିଚାଳନା ଉପରେ ତାଲିମ ତଥା ଶିକ୍ଷା ପରିଭ୍ରମଣ ଗୁଜରାଟର ଜାମନଗରଠାରେ ୨୦୦୯ ଡିସେମ୍ବର ୧୯ରୁ ୨୨ ଯାଏଁ ଆୟୋଜିତ ହୋଇଥିଲା । ଭଦ୍ରକ ଓ ବାଲେଶ୍ୱର ବନ୍ୟପ୍ରାଣୀ ବନଖଣ୍ଡର ଛଅ ଜଣ ବନପାଳଙ୍କୁ ମିଶାଇ ଦୁଇଜଣ ରେଞ୍ଜ ଅଧିକାରୀ ଏଥିରେ ଭାଗ ନେଇଥିଲେ । ସେମାନେ ବନଖଣ୍ଡର ଛଅ ଜଣ ବନପାଳଙ୍କୁ ମିଶାଇ ଦୁଇଜଣ ରେଞ୍ଜ ଅଧିକାରୀ ଏଥିରେ ଭାଗ ନେଇଥିଲେ । ସେମାନେ ଗୁଜରାଟର ନରାରା ଦ୍ୱୀପ ଓ ଅନ୍ୟ ଅଞ୍ଚଳ ବୁଲି ହେନ୍ତାଳ ବଣରେ କିପରି ବୃକ୍ଷରୋପଣ କରାଯାଉଛି, ତାହାର କୌଶଳ ଓ କାର୍ଯ୍ୟକାରିତା ଉପରେ ଜ୍ଞାନ ଆହରଣ କରିଥିଲେ । ସେମାନେ ମଧ୍ୟ ଖିଜାଡିଆ ପକ୍ଷୀ ଅଭୟାରଣ୍ୟ ବୁଲି ଦେଖିଥିଲେ ।

# ଅଣୁ ବିତ୍ତ ଓ ଲଘୁ ଉଦ୍ୟୋଗ ବିକାଶ

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ବନ ସଂରକ୍ଷଣ ସମିତିଗୁଡ଼ିକ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଆୟକାରୀ ପନ୍ଥା, ଜୀବିକା ନିର୍ବାହ ସୁଯୋଗ ମୂଲ୍ୟାୟନ ରିପୋର୍ଟ ଓ ଆୟକାରୀ ପନ୍ଥା ମୌଳିକ ଶିକ୍ଷାର ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ଅଣୁ ବିତ୍ତ ଓ ଲଘୁ ଉଦ୍ୟୋଗ ଉପରେ ଏକ ଦୁଇଦିନିଆ ପ୍ରସ୍ତାବନା ତଥା ସମୀକ୍ଷା କର୍ମଶାଳା ଏଫଇଓ(ଆଇଜିଏ), ବେସରକାରୀ ସଙ୍ଗଠନ ଦଳପତି ଏବଂ କ୍ଷେତ୍ର ବିଶେଷଜ୍ଞମାନଙ୍କ ପାଇଁ ଆୟୋଜନ କରାଯାଇଥିଲା ।

ଅଣୁ ବିତ୍ତ ଓ ଲଘୁ ଉଦ୍ୟୋଗ ଉପରେ ଅଂଶଗ୍ରହଣକାରୀମାନଙ୍କ ଜ୍ଞାନ ବୃଦ୍ଧି କରିବା ଓ ଚିନ୍ତାଧାରା ବଢ଼ାଇବା ତଥା ପ୍ରକଳ୍ପ ଅଧୀନରେ କାର୍ଯ୍ୟକାରୀ ହେଉଥିବା ଆୟକାରୀ ପନ୍ଥାକୁ ଆଗକୁ ନେବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ଦକ୍ଷତାକୁ ବୃଦ୍ଧି କରିବା ଏହି ପ୍ରସ୍ତାବନା ତଥା ସମୀକ୍ଷା କର୍ମଶାଳାର ଉଦ୍ଦେଶ୍ୟ ଥିଲା ।



ଯେଉଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଏବଂ ପ୍ରସ୍ତାବନା ଥିଲା ତାହା ହେଲା :

- ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଏବଂ ଆୟକାରୀ ପନ୍ଥାଗୁଡ଼ିକର ସ୍ଥିତି ଆକଳନ କରିବା ।
- ବନ ସଂରକ୍ଷଣ ସମିତିଗୁଡ଼ିକରେ ଅଣୁ ବିତ୍ତ ଓ ଲଘୁ ଉଦ୍ୟୋଗ କାର୍ଯ୍ୟଧାରାକୁ ତ୍ୱରାନ୍ୱିତ କରିବା ।
- ପରବର୍ତ୍ତୀ ଆୟକାରୀ ପନ୍ଥା, ଆୟକାରୀ ପନ୍ଥାଗୁଚ୍ଛ / ନିର୍ଦ୍ଦିଷ୍ଟ ସ୍ୱାର୍ଥ ଗୋଷ୍ଠୀଗୁଡ଼ିକର କୌଶଳକୁ ସହାୟତା କରିବା ।

ଦୁଇଦିନିଆ ପ୍ରସ୍ତାବନା ତଥା ସମୀକ୍ଷା ପରେ ପ୍ରକଳ୍ପ ନିର୍ଦ୍ଦେଶକ ନିଜେ ଅଂଶଗ୍ରହଣକାରୀଙ୍କ ସହ ମତାମତ ଅଧିବେଶନ ଚଳାଇଥିଲେ ଓ ଆଗାମୀ ମାସଗୁଡ଼ିକରେ କିପରି କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ସେଥିପାଇଁ ପଥ ପ୍ରଦର୍ଶନ କରିଥିଲେ । ଏ ଦିଗରେ ତ୍ୱରିତ ଅଧିକ କାର୍ଯ୍ୟ କରିବା ପାଇଁ ଖଣ୍ଡୀୟ ପରିଚାଳନା କେନ୍ଦ୍ର ତଥା କ୍ଷେତ୍ର ପରିଚାଳନା କେନ୍ଦ୍ରସ୍ତରରେ ଅନ୍ୟ ପ୍ରକଳ୍ପ କାର୍ଯ୍ୟକର୍ତ୍ତା (ଏଫଇଓ, ବନପାଳ, ଦଳପତି ଏବଂ ସମ୍ପ୍ରସାରଣ ଅଧିକାରୀ)ଙ୍କ ପାଇଁ ପ୍ରସ୍ତାବନା କର୍ମଶାଳା ଆୟୋଜନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି ଦୁଇଦିନିଆ ପ୍ରସ୍ତାବନା କର୍ମଶାଳାରେ ଭାଗ ନେଇଥିବା ଶିବିରାର୍ଥୀମାନେ ଖଣ୍ଡୀୟ ପରିଚାଳନା କେନ୍ଦ୍ର ତଥା କ୍ଷେତ୍ର ପରିଚାଳନା କେନ୍ଦ୍ର ସ୍ତରର କାର୍ଯ୍ୟକ୍ରମରେ ତାଲିମଦାତାଭାବେ କାର୍ଯ୍ୟ କରିବେ ।

# ଜାପାନୀ ଓଡିଏ ଦଳର ପ୍ରକଳ୍ପ ଅଞ୍ଚଳ ପରିଦର୍ଶନ

ବିଭିନ୍ନ ରାଜ୍ୟରେ ଜାଇକା ଭିନ୍ନ ଭିନ୍ନ ପ୍ରକଳ୍ପକୁ ଅର୍ଥ ପ୍ରଦାନ କରିଛି । ଆସନ୍ତା ପାଞ୍ଚବର୍ଷରେ ଜାପାନର ଏହିପରି ଋଣିଆପାରି ଅର୍ଥ ସହାୟତା ନିମିତ୍ତ କେଉଁ କ୍ଷେତ୍ରକୁ ପ୍ରାଧାନ୍ୟ ଦିଆଯିବ ତାହାର ମୂଲ୍ୟାୟନ କରିବାକୁ ଜାଇକା ଏକ ଦଳ ଗଠନ କରିଛି । ଜାଇକା ଦ୍ୱାରା ଅର୍ଥ ପ୍ରଦାନ କରାଯାଇଥିବା ୧୪ଟି ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ମଧ୍ୟରୁ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଏକମାତ୍ର ଏ ଧରଣର ପ୍ରକଳ୍ପ ଯାହାକୁ ଏହି ଦଳ ପରିଦର୍ଶନ କରିବାକୁ ମନୋନୀତ କରିଥିଲେ ।

ଜାପାନସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଡେଭେଲପିଙ୍ଗ ଇକୋନାମିକ୍ସ, ଇଣ୍ଟର ଡିସିପ୍ଲିନାରି ଷ୍ଟଡ଼ି ସେଣ୍ଟରର ଡଃ ତାତ୍ସୁଫୁମି ୟମାଗତାଙ୍କ ନେତୃତ୍ୱରେ ଆସିଥିବା ଏହି ଦଳରେ ପ୍ରଫେସର ଓସିକାଣ୍ଡୋ ଫୁମିକୋ, ଡଃ ପୋହ ସୁନ୍ କିମ୍, ଶ୍ରୀ ମିହୋକୋ ସାଇତୋ, ମିସ୍ ଆକିକୋ ହାୟାସିଦା, ଶ୍ରୀ ମିତସୁନୋରି ସାଇତୋ ଓ ଜାଇକା ଭାରତର ପ୍ରତିନିଧି ଶ୍ରୀ ଦୀପକ ରାଜ ପ୍ରମୁଖ ସାମିଲ ଥିଲେ । ୨୬ ଅକ୍ଟୋବର ୨୦୦୯ରେ ଏହି ଦଳ ପ୍ରକଳ୍ପ ନିର୍ଦ୍ଦେଶକ ଅରୁଣ କୁମାର ବଂସଲଙ୍କ ସହ ଆଲୋଚନା କରିଥିବାବେଳେ ଅନୁଗୁଳରେ ଅନ୍ୟ ପ୍ରକଳ୍ପ ଅଧିକାରୀ ଶ୍ରୀ ଏସ୍.ଏସ୍. ମିଶ୍ର, ବନଖଣ୍ଡ ଅଧିକାରୀ, ଅନୁଗୁଳ, ଦଳକୁ ପ୍ରକଳ୍ପ କାର୍ଯ୍ୟକଳାପର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ । ସେମାନେ ଅନୁଗୁଳ ବନଖଣ୍ଡ ଅନ୍ତର୍ଗତ ସୁଡସାହି ବନ ସଂରକ୍ଷଣ ସମିତିର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଭ୍ୟା ଓ ନେତ୍ରୀଙ୍କ ସହ ଆଲୋଚନା କରିଥିଲେ । ସେମାନେ ବନ୍ୟ ହସ୍ତକ୍ଷେପ ଅଞ୍ଚଳ, ପ୍ରକଳ୍ପ ଅଧୀନରେ ନିର୍ମାଣ ହୋଇଥିବା ଜଳ ଅମଳ ସ୍ଥଳ (ଯାହାକି ଏବେ ମାଛ ଚାଷ ପାଇଁ ବ୍ୟବହୃତ ହେଉଛି) ପରିଦର୍ଶନ କରିଥିଲେ । ପ୍ରକଳ୍ପ ଅଧୀନରେ ଆୟକାରୀ ପନ୍ଥା ମାଧ୍ୟମରେ ମହିଳାମାନଙ୍କ ଦ୍ୱାରା ପରିବା ଚାଷ ଅଞ୍ଚଳକୁ ମଧ୍ୟ ସେମାନେ ବୁଲି ଦେଖିଥିଲେ । ଶେଷରେ ଅନୁଷ୍ଠିତ ବୈଠକରେ ଦଳ ପ୍ରକଳ୍ପର ଅଗ୍ରଗତି ନେଇ ସନ୍ତୋଷ ବ୍ୟକ୍ତ କରିଥିଲେ ।


Date 26 October 2009

The activities of Sudasahi VSS are excellent and greatly impressive. I wish if I could come back some time soon.

Tatsufumi YAMAGATA
Institute of Developing Economics,
Japan External Trade Organization





## ପ୍ରକାଶନ




1. Exploring IGA & Convergence Potential
2. Conceptual Framework for Eco-Development Including Community Based Eco-Tourism & its application in Satkosia George Sanctuary
3. "Livelihood Awakenings" Proceedings of National Cross Learning Workshop of JICA assisted Forestry Projects in India, Organised by OFSDP (Feb 2009)

## ନିଯୁକ୍ତି ବଦଳି

ସମ୍ବଲପୁର ବନ ସଂରକ୍ଷକ ପଦରୁ ବଦଳି ହେବା ପରେ ରାଜୀବ କୁମାର, ଆଇ.ଏଫ୍.ଏସ୍., ଓଏଫଏସଡିପି ପ୍ରକଳ୍ପ ପରିଚାଳନା କେନ୍ଦ୍ରରେ ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଯୋଗ ଦେଇଛନ୍ତି । ସେ ମାନବ ସମ୍ବଳ ଓ ଗବେଷଣା ବିଭାଗର ମୁଖ୍ୟ ଅଛନ୍ତି ।

OFSDP
Orissa Forestry Sector Development Project

ଜାପାନ ଆନ୍ତର୍ଜାତିକ ସହଯୋଗ ସଂସ୍ଥା ସହାୟତାପ୍ରାପ୍ତ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଏହି ତ୍ରୈମାସିକ ସୂଚନାପତ୍ର ସମସ୍ତ ଅଂଶୀଦାରମାନଙ୍କୁ ଉପଯୁକ୍ତ ସମୟରେ ପ୍ରକଳ୍ପ କାର୍ଯ୍ୟାବଳୀ ଉପରେ ତଥ୍ୟ ଯୋଗାଇଦେବ ।

ମନ୍ତବ୍ୟ/ପ୍ରସ୍ତାବବେଳେ ପାଇଁ ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ :
ଉପ ପ୍ରକଳ୍ପ ନିର୍ଦ୍ଦେଶକ (ପି ଆଣ୍ଡ ଏ)
E-mail : dpd.pa@ofsdp.org

ପ୍ରକାଶକ

ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି
ପରିବେଶ ଭବନ ଘାଟିକିଆ, ଭୁବନେଶ୍ୱର – ୭୫୧ ୦୦୩
ଫୋନ : ୦୬୭୪–୨୩୮୪୦୧୬, ଫ୍ୟାକ୍ସ : ୦୬୭୪–୨୩୮୪୦୮୪
E-mail : webmail@ofsdp.org, http://www.ofsdp.org

ସମ୍ପାଦକ ମଣ୍ଡଳୀ

ମୁଖ୍ୟ ସମ୍ପାଦକ : ପ୍ରକଳ୍ପ ନିର୍ଦ୍ଦେଶକ, ଓଏଫଏସଡିପି
ପରିଚାଳନା ସମ୍ପାଦକ : ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ (ଏଚଆରଡି ଏବଂ ଆର)
ସମ୍ପାଦକ : ଉପ ପ୍ରକଳ୍ପ ନିର୍ଦ୍ଦେଶକ (ପି ଆଣ୍ଡ ଏ)
ଉପଦେଷ୍ଟା : ଦଳପତି ସାଧାରଣ ପରାମର୍ଶଦାତା, ଓଏଫଏସଡିପି ଏବଂ ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ (ଏ ଆଣ୍ଡ ଏଫ), ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ (ଆଇଏମଇ)

ମୁଦ୍ରାକର : ଜ୍ୟୋତିଗ୍ରାଫିକ୍ସ
ଫୋନ : ୦୬୭୪–୨୫୪୪୨୦୯, E-mail : jyotigraphics@gmail.com